# Akashvani, Sambalpur

# SAMBALPURI NEWS BULLETIN

## 25 November 2024- 6.47- 6.52 am.

********************************************

ଓଡ଼ିଶା ପର୍ବ-ପ୍ରଧାନ୍‌ମନ୍ତ୍ରୀ ଆର୍‌ଏନ୍‌ୟୁ / ସମ୍ବଲପୁର

ଓଡ଼ିଶା ଦେଶର୍ ବିକାଶ୍‌ର ଇଞ୍ଜିନ୍ ଆଏ । ଦେଶ୍‌କେ ବିକାଶ୍‌ର ଶିଖର୍‌ଥି ପୁହୁଁଚିବାର୍‌କେ ଓଡ଼ିଶା ପାଖେ ସବୁ ସାମର୍ଥ୍ୟ ରହିଛେ ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ନୂଆଦିଲ୍ଲୀ ଠାନେ ଚାଲିଥିବାର୍ ଓଡ଼ିଶା ପର୍ବର ଉଦ୍‌ଯାପନୀ ଉତ୍ସବ୍‌ଥି ମୁଖିଆ କୁନୁଆ ଭାବେ ଯୋଗ୍ ଦେଇକରି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ଯେ, ବିଶ୍ୱ ଦର୍‌ବାର୍‌ଥି ଓଡ଼ିଶାର୍ ମହତ୍ୱକେ ଆହୁରି ବଢ଼ାଯିବା । ରାଜ୍ୟକେ ସମୃଦ୍ଧ ଆଉ ସଶକ୍ତ ଭାବେ ଗଠନ୍ କରାଯିବା । ସବୁ କ୍ଷେତ୍ର ନ ଓଡ଼ିଶାର୍ ଲାଗି ଅପାର ସୁଯୋଗ୍ ରହିଛେ । ୨୦୩୬ ଥି ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ୍ ଗଠନ୍‌ର ଶହେ ବଛର୍ ପୁରା କର୍‌ବା । ସେ ସମିଆଥି ଓଡ଼ିଶାକେ ଦେଶର୍ ଶ୍ରେଷ୍ଠ ୫ ଟା ସମୃଦ୍ଧ ଆଉ ସଶକ୍ତ ରାଜ୍ୟ ଭିତ୍‌ରେ ରଖିବାର୍ ଲାଗି କାମ୍ କର୍‌ବାର୍‌କେ ପ୍ରଧାନ୍‌ମନ୍ତ୍ରୀ ସମ୍‌କୁ ଆହ୍ୱାନ୍ ଦେଇଥିଲେ ।

ସମାରୋହଥି କେନ୍ଦ୍ର ରେଲ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ଓଡ଼ିଶାର୍ ସମୃଦ୍ଧ ଐତିହ୍ୟ ଆଉ ଅଦ୍ଭୁତ ସଂସ୍କୃତିଥି

ସାମିଲ୍ ହେବାର୍ଟା ତାଙ୍କର୍ ଲାଗି ସୌଭାଗ୍ୟର୍ ବିଷେ ବଲି କହିଥିଲେ ।

ସେନ୍ତା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଓଡ଼ିଶା ପର୍ବ ସମାରୋହଥି ଯୋଗ୍ ଦେଇକରି ଜାତୀୟସ୍ତର୍ ନ ଓଡ଼ିଶାକେ ଗର୍ବିତ କରିଥିବାର୍‌ନୁ ପ୍ରଧାନ୍‌ମନ୍ତ୍ରୀଙ୍କୁ ଧନ୍ୟବାଦ୍ ଦେଇଛନ୍ । ଗଲା ୧୦ ବଛର୍ ଭିତ୍‌ରେ ନରେନ୍ଦ୍ର ମୋଦୀଙ୍କର୍ ସର୍‌କାର୍‌ର ଉନ୍ନୟନ୍ ମୂଲକ୍ କାମ୍ ଆର୍ ବିକାଶ୍‌ର ସବୁନୁ ଅଏତ୍‌କା ଲାଭାର୍ଥୀ ଓଡ଼ିଶା ହେଇଛେ ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ କହିଛନ୍ ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ କଟକ୍

ରାଜନୈତିକ୍ ପୃଷ୍ଠଭୂମି ନାଇଁଥିବାର୍ ପରିବାର୍‌ର ଯୁଆନ୍ ପିଲାଙ୍କୁ ରାଜ୍‌ନୀତିଥି ଯୋଗ୍ ଦେବାର୍ ଲାଗି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆହ୍ୱାନ୍ ଦେଇଛନ୍ । ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍‌ର ଶହେ ୧୬ ନମ୍ବର୍ ସଂସ୍କରଣ୍‌ଥି ଗଲାକାଏଲ୍ ଦେଶର୍ ଲୋକ୍‌ମାନ୍‌କୁ ସମ୍ବୋଧନ୍ କରିକରି ଶ୍ରୀ ମୋଦୀ କହିଛନ୍ ଯେ, ଦେଶର୍ ପାଖାପାଖି ଲାଖେ ଯୁଆନ୍ ପିଲାଙ୍କୁ ରାଜନୀତି ସାଙ୍ଗେ ଜୁଡ଼୍‌ବାର୍ ଲାଗି ଆଏବା କିଛି ମାସ୍ ଭିତ୍‌ରେ ସ୍ୱତନ୍ତ୍ର ଅଭିଯାନ୍‌ର ଆୟୋଜନ୍ କରାଯିବା । ଆଏବା ବଛର୍ ସ୍ୱାମୀ

ବିବେକାନନ୍ଦଙ୍କର୍ ଶହେ ୬୨ ନମ୍ବର୍ ଜୟନ୍ତୀ ପାଲନ୍ ଅବ୍‌ସରେ ଦିଲ୍ଲୀ ନ ବିକଶିତ୍ ଭାରତ୍ ଯୁବ ନେତା ବାର୍ତାଳାପ ବାବ୍‌ଦେ ଗୁଟେ କାର୍ଯ୍ୟକ୍ରମ୍ ହେବା ।

ବିଶ୍ୱ ସମବାୟ ସମ୍ମିଳନୀ- ପ୍ରଧାନ୍‌ମନ୍ତ୍ରୀ ଆର୍‌ଏନ୍‌ୟୁ /ସମ୍ବଲପୁର

ନୂଆଦିଲ୍ଲୀର୍ ଭାରତ୍ ମଣ୍ଡପମ୍ ଠାନେ ଆଏଜ୍ ଉପର୍‌ବେଲା ବିଶ୍ୱ ସମବାୟ ସମ୍ମିଳନୀ ୨୦୨୪- ଅନୁଷ୍ଠିତ୍ ହେବା । ସମ୍ମିଳନୀକେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦ୍‌ଘାଟନ୍ କର୍‌ବାର୍ ସହେତେ ଜାତିସଂଘ ଅନ୍ତର୍ଜାତୀୟ ସମବାୟ ବର୍ଷ-୨୦୨୫ର ଶୁଭାରମ୍ଭ କର୍‌ବେ । ଅନ୍ତର୍ଜାତୀୟ ସମବାୟ ମେଂଟର ଶହେ ୩୦ ବଛ୍‌ରର୍ ଇତିହାସ୍‌ଥି ଭାରତ୍ ନ ପହେଲାକରି ବିଶ୍ୱ ସମବାୟ ସମ୍ମିଳନୀ ଆର୍ ସାଧାରଣ ସଭା ଅନୁଷ୍ଠିତ ହେବାର୍‌କେ ଯାଉଛେ । ସମବାୟ ସଂସ୍ଥା ମାନେ ସମ୍‌କର୍ ଲାଗି ସମୃଦ୍ଧି ସୃଷ୍ଟି କର୍‌ସନ୍- ବାର୍ତା ନେଇକରି ହେଉଥିବାର୍ ଇ ସମ୍ମିଳନୀ ଆଏବା ୩୦ ତାରିଖ୍‌ତକ୍ ଚାଲ୍‌ବା ।

ସଂସଦ୍ ଶୀତ ଅଧିବେଶନ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ସଂସଦ୍‌ର ଶୀତକାଳୀନ୍ ଅଧିବେଶନ୍ ଆଏଜ୍‌ଠାନୁ ମୁଲ୍ ହେଉଛେ । ଇତାର୍ ଆଗ୍‌ରୁ ଗଲାକାଏଲ୍ ପ୍ରତିରକ୍ଷା ମନ୍ତ୍ରୀ ରାଜ୍‌ନାଥ୍ ସିଂଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ସର୍ବଦଳୀୟ ବୈଠକ୍‌ଥି ୩୦ ଟା ଭିନ୍ ଭିନ୍ ରାଜନୈତିକ୍ ଦଲର୍ ନେତା ସାମିଲ୍ ହେଇଥିଲେ । ଇଥି ସଂସଦୀୟ ବ୍ୟାପାର୍ ମନ୍ତ୍ରୀ କିରେନ୍ ରିଜିଜୁ ଗୃହକାର୍ଯ୍ୟକେ ଠିକ୍‌ଠାକ୍ ଚଲାବାର୍ ଲାଗି ସବୁ ନେତାଙ୍କର୍ ସହଯୋଗ୍ କାମନା କରିଥିଲେ । ଗୃହର ଆଇନ୍ ଅନ୍‌ସାରେ ଭିନ୍ ଭିନ୍ ବିଷେ ଉପ୍‌ରେ ଆଲୋଚନା ହେବା ବଲି ସେ କହିଛନ୍ ।
ଇ ଅଧିବେଶନ୍ ଆଏବା ମାସର୍ ୨୦ ତାରିଖ୍‌ତକ୍ ଚାଲ୍‌ବା । ଅଧିବେଶନ୍‌ଥି ୧୯ ଟା କାର୍ଯ୍ୟଦିବସ୍ ଥିବାର୍ ବେଲେ ୱାକ୍‌ଅପ୍ ସଂଶୋଧନ୍ ବିଲ୍ ସହେତ ୧୬ ଟା ବିଲ୍ ତାଲିକାଭୁକ୍ତ କରାଯାଇଛେ ।

ବିଧାନ୍‌ସଭା ଅଧିବେଶନ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ଓଡ଼ିଶା ବିଧାନ୍‌ସଭାର୍ ଶୀତକାଲୀନ୍ ଅଧିବେଶନ୍ ଆଏବା କାଏଲ୍‌ନୁ ମୁଲ୍ ହେବା । ଇଥିର୍‌ଲାଗି ବାଚସ୍ପତି ସୁରମା ପାଢ଼ୀଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ସର୍ବଦଲୀୟ ବୈଠକ୍ ଅନୁଷ୍ଠିତ ହେବା । ସବୁ

ଦଲର୍ ବିଧାୟକଙ୍କର୍ ସହେତେ ଆଲୋଚନା କରାଯାଇକରି ସହଯୋଗ୍ କାମନା କରାଯିବା ଆଉ ଗୃହର୍ ସବୁ କାର୍ଯ୍ୟ ବିଧି ଅନ୍ସାରେ ସମ୍ପାଦନ୍ ହେବା ବଲି ବାଚସ୍ପତି କହିଛନ୍ । ଇ ଅଧିବେଶନ୍ ଆଏବା ମାସର୍ ୩୧ ତାରିଖ୍ତକ୍ ଚାଲ୍ବା ଆଉ ଇଥି ୩୦ ଟା କାର୍ଯ୍ୟଦିବସ୍ ରହିଛେ । ଅଧିବେଶନ୍ ସମିଆଥି ୨୦୨୪ -୨୫ ଆର୍ଥିକ୍ ବଛର୍ ଲାଗି ପହେଲା ଅତିରିକ୍ତ ବଜେଟ୍ ଉପସ୍ଥାପନ୍ କରାଯିବା । ଆଏଜ୍ ବିଜେପି ବିଧାୟକ୍ ଦଲ୍, ବିଜେଡ଼ି ବିଧାୟକ୍ ଦଲ୍ ଆଉ କଂଗ୍ରେସ୍ ବିଧାୟକ୍ ଦଲର୍ ଭିଲ୍ ବୈଠକ୍ ଅନୁଷ୍ଠିତ୍ ହେବା ।

ଜୋଙ୍କ୍ ଥାନା କାର୍ଯ୍ୟାନୁଷ୍ଠାନ୍ ଆର୍ଏନ୍ୟୁ / ସମ୍ବଲପୁର

ନୂଆପଡ଼ା ଜିଲ୍ଲା ଜୋଙ୍କ୍ ଥାନା ଇଲାକା ନ ଗଲା ୨୩ ତାରିଖ୍ ବଡ୍ ଧରଣ୍ର ଜୁଆ ଆଡ୍ଡା ଉପ୍ରେ ଚଢ଼ଉ କରିକରି ପୁଲିସ୍ ତର୍ଫୁ ୮୧ ଝନ୍କୁ ଗିରଫ୍ କରାଯାଇଛେ । ଇ ମାମ୍ଲା ନ କର୍ତବ୍ୟର୍ ଅବହେଲା ଲାଗି ଜୋଙ୍କ୍ ଥାନାର୍ ଇନ୍ସପେକ୍ଟର୍ ଇନ୍‌ଚାର୍ଜଙ୍କୁ ରାଜ୍ୟ ପୁଲିସ୍ ଡିଜି ସସ୍‌ପେଣ୍ଡ୍ କର୍ବାର୍ ସହେତେ ଶୃଙ୍ଖଲାଗତ କାର୍ଯ୍ୟାନୁଷ୍ଠାନ୍ ଗ୍ରହଣ୍ କରାଯାଇଛେ ବଲି କହିଛନ୍ ।

ଜନସୁବିଧା କେନ୍ଦ୍ର -ରାଜସ୍ୱ ମନ୍ତ୍ରୀ          ଆର୍‌ଏନ୍‌ୟୁ /ସମ୍ବଲପୁର

ଝାର୍‌ସୁଗୁଡ଼ା ଜିଲ୍ଲା ଚନ୍ଦନୀମାଲ୍ ଗ୍ରାପ୍‌ପଂଚାୟତ୍‌ର ବର୍‌ପାଲି ଠାନେ ଜନସାଧାରଣ୍‌ଙ୍କର୍ ଉପଯୋଗିତା ସୁବିଧାକେନ୍ଦ୍ରକେ ଗଲାକାଏଲ୍ ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଆଉ ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ ଉଦ୍‌ଘାଟନ୍ କରିଛନ୍ । ଆଏବା କିଛି ମାସ୍ ଭିତ୍‌ରେ ବ୍ରଜ୍‌ରାଜ୍‌ନଗର୍‌ର ସବୁ ଗାଁ ନ ଇନ୍ତା ଉପଯୋଗିତା ସୁବିଧା କେନ୍ଦ୍ର ନିର୍ମାଣ ହେବା ବଲି ରାଜସ୍ୱ ମନ୍ତ୍ରୀ କହିଛନ୍ ।

ଶ୍ରୀବିଗ୍ରହ ପଇତା ଲାଗି          ଆର୍‌ଏନ୍‌ୟୁ /ସମ୍ବଲପୁର

ଆଏଜ୍ ମଗ୍‌ଶିର୍ ମାସର୍ ଅନ୍ଧାର୍ ପଖର୍ ଦଶ୍‌ମି ତିଥିଥି ପୁରୀ ଶ୍ରୀମନ୍ଦିର୍ ନ ଶ୍ରୀବିଗ୍ରହଙ୍କର୍ ପଇତା ଲାଗି ନୀତି ହେବା । ଇଥିର୍‌ଲାଗି ଆଏଜ୍ ଉପର୍‌ବେଲା ୫ ବଜେନୁ ରାତିର୍ ୯ ବଜେତକ୍ ୪ ଘଂଟା ଲାଗି ମାହାପୁରୁଙ୍କର୍ ସର୍ବସାଧାରଣ ଦର୍ଶନ୍ ବନ୍ଦ୍ ରହେବା ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ କୁହାଯାଇଛେ ।

ଉଚ୍ଚଶିକ୍ଷାନୁଷ୍ଠାନ୍- ହିଂସା ପ୍ରତିରୋଧ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ଉଚ୍ଚଶିକ୍ଷାନୁଷ୍ଠାନ୍ ମାନ୍‌କେ ଲିଙ୍ଗଗତ ହିଂସା ଦୂର୍ କର୍‌ବାର୍ ଲାଗି ଆଏଜ୍‌ଠାନୁ ଆଏବା ମାସର୍ ୧୦ ତାରିଖ୍‌ତକ୍ ସଚେତନତା କାର୍ଯ୍ୟକ୍ରମ୍ କରାଯିବା । ଇ ବାବ୍‌ଦେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟର୍ ଚିଠିକେ ନେଇକରି ବିଶ୍ୱବିଦ୍ୟାଳୟ ଅନୁଦାନ୍ ଆୟୋଗ୍ ତର୍‌ଫୁ ସବୁ ବିଶ୍ୱବିଦ୍ୟାଳୟର୍ କୁଳପତି ଆଉ କଲେଜ୍ ଅଧ୍ୟକ୍ଷ ମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ । ଅଭିଯାନ୍ ସମିଆଥି ଖାସ୍ କରି ମହିଳାଙ୍କର୍ ଉପ୍‌ରେ ଯୌନ ନିର୍ଯ୍ୟାତନାର ପ୍ରତିରୋଧ୍‌କେ ଜୋର୍ ଦିଆଯିବା ।

ପାଣିପାଗ ଆର୍‌ଏନ୍‌ୟୁ /ସମ୍ବଲପୁର

ଭାରତ୍ ମହାସାଗର୍ ଆର୍ ଦକ୍ଷିଣ ପୂର୍ବ ବଙ୍ଗୋପ୍‌ସାଗର୍ ନ ଗଲାକାଏଲ୍‌ନୁ ଲଘୁଚାପ୍ ବଲୟ ବନିଛେ । ଇଟା ଆଏଜ୍ ଅବପାତ୍‌ର ରୂପ ନେବାର୍ ସହେତେ ତାମିଲ୍‌ନାଡୁ ଆଉ ଶ୍ରୀଲଙ୍କା ଆଡ୍‌କେ ମୁହାଁବା । ଇଥିର୍‌ଲାଗି ତାମିଲ୍‌ନାଡୁ ଆଉ ଆନ୍ଧ୍ରପ୍ରଦେଶ୍‌ର କେତେଟା ଜାଗା ନ ଜବର୍ ବର୍ଷା ଆଉ ଓଡ଼ିଶା ନ

ଆଏବା ବୁଧବାର୍‌ନୁ ଶୁକ୍ରବାର୍‌ତକ୍ ହାଲ୍‌କାନୁ ମଧ୍ୟମ୍ ଧରଣ୍‌ର ବର୍ଷା ହେବା ବଲି ଭାରତୀୟ ପାଣିପାଗ୍ ବିଭାଗ୍ ତର୍‌ଫୁ ଅନୁମାନ୍ କରାଯାଇଛେ ।